ସମ୍ବାଦ

# ୧୧ ଓ ୧୨ରେ ସାହିତ୍ୟ ଅକାଦେମିର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୦/୧୧ (ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ ୧୧ ଓ ୧୨ ତାରିଖରେ ଚାରିଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୧୧ ତାରିଖ ଦିନ ୧୦ଟା ୩୦ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ପରିସରରେ ଗଣକବି ବୈଷ୍ଣବ ପାଣି ସଂପାନକୁ ଉଦ୍‌ଘାଟନ କରିବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଂଜୟ କୁମାର ନାୟକ। ଏଥିରେ ମୂଳ ଭାଷଣ ପ୍ରଦାନ କରିବେ ବିଶିଷ୍ଟ ସମାଲୋଚିକା ପ୍ରଫେସର ସଂଘମିତ୍ରା ମିଶ୍ର। ସେହିପରି ସନ୍ଧ୍ୟା ୫ଟା ୩୦ରେ ଶତାବ୍ଦୀ ଭବନ, କଟକରେ ଆୟୋଜିତ କବିସନ୍ଧି କାର୍ଯ୍ୟକ୍ରମରେ ଯୋଗଦେବେ ବିଶିଷ୍ଟ କବି ରଞ୍ଜିତା ନାୟକ। ୧୨ ତାରିଖ ଦିନ ସକାଳ ୧୦ଟାରେ ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଶତାବ୍ଦୀ ଭବନ, କଟକରେ ଭଞ୍ଜକିଶୋର ପଟ୍ଟନାୟକ ଜନ୍ମ ଶତବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାକୁ ଉଦ୍‌ଘାଟନ କରିବେ ବିଶିଷ୍ଟ ନାଟ୍ୟକାର ଜଷ୍ଟିସ୍ ଅରୁନ୍ ପରିଚ୍ଛା। ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ହେବାକୁ ଥିବା ଉଦ୍‌ଘାଟନୀ ଅଧିବେଶନରେ ଅକାଦେମିର ସଚିବ କେ.ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିବେ। ମୂଳଭାଷଣ ପ୍ରଦାନ କରିବେ ପ୍ରଫେସର ବିଜୟ କୁମାର ଶତପଥୀ। ୧୨ ତାରିଖ ସନ୍ଧ୍ୟା ୫ଟାରେ ଭୁବନେଶ୍ୱରର ଭାରତୀୟ ବିଦ୍ୟାଭବନ ସମ୍ମିଳନୀକକ୍ଷରେ 'ଲେଖକଙ୍କ ସହିତ' କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଜୀବନ ଓ ସୃଜନ ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିବେ ବିଶିଷ୍ଟ ଲେଖକ ଗୌରହରି ଦାସ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ଲେଖକ ଲେଖିକା, ବୁଦ୍ଧିଜୀବୀ, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟପ୍ରେମୀମାନେ ଯୋଗଦେବା ପାଇଁ ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟଗଣ ଅନୁରୋଧ କରିଛନ୍ତି।

**'ଲେଖକଙ୍କ ସହିତ' ରେ ଗୌରହରି ଦାସ**

BHUBANESWAR Edition
Page No.14 November 11, 2022